# ଅଚଳ ୱାଟର ଏଟିଏମ୍‌କୁ ନେଇ ବିଏମ୍‌ସି ହଟହଟା

**ବ୍ରହ୍ମପୁର ଅଫିସ,୯।୧୧**

ବ୍ରହ୍ମପୁର ସହରରେ ରହିଥିବା ଅଚଳ ୱାଟର ଏଟିଏମ୍‌କୁ ନେଇ ବର୍ତ୍ତମାନ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)କୁ ହଟାହଟା ହେବାକୁ ପଡିଛି। ସହରର ବ୍ରହ୍ମପୁର ରେଳ ଷ୍ଟେଶନ, ପୁରୁଣା ବସ୍ ଷ୍ଟାଣ୍ଡ ଓ ଅନ୍ନପୂର୍ଣ୍ଣା ମାର୍କେଟ ରୋଡଠାରେ ଏକ ଘରୋଇ ସଂସ୍ଥା ପକ୍ଷରୁ ସ୍ଥାପନ କରାଯାଇଥିବା ୱାଟର ଏଟିଏମ୍ ଦୀର୍ଘ ଦିନ ଧରି ଅଚଳାବସ୍ଥା ମଧ୍ୟରେ ପଡି ରହିଛି। ବର୍ତ୍ତମାନ କେବଳ ପଲିଥିନ ତଳେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶଗୁଡିକରେ ତାଲା ପଡି ରହିଥିବା ଦେଖିବାକୁ ମିଳିଛି। ଫଳରେ ସହରବାସୀଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ନେଇ ବିଏମସିର ଲକ୍ଷ୍ୟ ସଫଳ ହୋଇପାରି ନାହିଁ। ଅନ୍ୟପଟେ ବିଏମ୍‌ସି ପକ୍ଷରୁ ୱାଟର ଏଟିଏମ୍ ସ୍ଥାପନ କରିଥିବା ସଂସ୍ଥାକୁ ବାରମ୍ବାର ତାଗିଦ କରାଯାଉଥିଲେ ସୁଦ୍ଧା ସଂପୃକ୍ତ ସଂସ୍ଥାଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନାହିଁ। ଯାହାକୁ ନେଇ ବର୍ତ୍ତମାନ ଉକ୍ତ ୱାଟର ଏଟିଏମ୍ ବ୍ୟବସ୍ଥା ବିଏମ୍‌ସି ପାଇଁ ଚିନ୍ତାର କାରଣ ପାଲଟିଛି। ନିକଟରେ ବିଏମ୍‌ସି ପକ୍ଷରୁ ଉକ୍ତ ୱାଟର ଏଟିଏମ୍ ଚାଲୁ କରିବା ପାଇଁ କିଛି ସ୍ୱେଚ୍ଛାସେବୀ ସଂଗଠନକୁ ଦାୟିତ୍ୱ ହସ୍ତାନ୍ତର ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ତାହା ବି ପୂରଣ ହୋଇପାରିଲା ନାହିଁ। ବିଏମ୍‌ସି କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ଡେଲ୍ଟା ନାମକ ଏକ ଘରୋଇ ସଂସ୍ଥା ସହଯୋଗରେ ପ୍ରାୟ ୩୫ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ବ୍ରହ୍ମପୁର ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ ଏବଂ ଅନ୍ନପୂର୍ଣ୍ଣା ବଜାରରେ ୩ ପାଣି ଏଟିଏମ୍


ଅନ୍ନପୂର୍ଣ୍ଣା ମାର୍କେଟରେ ଥିବା ଅଚଳ ୱାଟର ଏଟିଏମ୍।

୨୦୧୮, ଡିସେମ୍ବର ୧ରେ ଉଦ୍‌ଘାଟିତ ହୋଇଥିଲା। ପିଇବା ପାଣି ପାଇଁ ନିର୍ଦ୍ଦିଷ୍ଟ ଦର ସ୍ଥିର କରାଯାଇଥିଲା। ବୋତଲ ସହ ୨୨୦ ମିଲିଲିଟର ପାଣି ମୂଲ୍ୟ ୧ ଟଙ୍କା, ୧ ଲିଟର ପାଇଁ ୫ ଟଙ୍କା, ୧୦ ଲିଟର ପାଇଁ ୨୦ ଟଙ୍କା, ବିନା ବୋତଲରେ ୨୨୦ ମିଲିଲିଟର ପାଣି ପାଇଁ ୨ ଟଙ୍କା ଓ ୧ ଲିଟର ପାଣି ପାଇଁ ୧୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। ଏଟିଏମ୍‌ଗୁଡିକ ଉଦ୍‌ଘାଟନର କିଛି ଦିନ କାର୍ଯ୍ୟକ୍ଷମ ହେବା ସହ ଜନସାଧାରଣ ମଧ୍ୟ ଉପକୃତ ହୋଇଥିଲେ। ଏପରିକି ସମ୍ପୃକ୍ତ ସଂସ୍ଥା ମଧ୍ୟ କିଛି କର୍ମଚାରୀଙ୍କୁ ରଖି ପାଣି ଯୋଗାଇ ଆସୁଥିଲେ। କିନ୍ତୁ ସମୟ କ୍ରମେ କୌଣସି କାରଣରୁ ଆଜି ଯାଏ ଏହି ୱାଟର ଏଟିଏମ୍ ଖରାପ ହୋଇ ପଡିଛି।

ଏ ନେଇ ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ପାଢୀଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ସମ୍ପୃକ୍ତ ସଂସ୍ଥା ୱାଟର ଏଟିଏମ୍ କାର୍ଯ୍ୟକ୍ଷମ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରୁ ନାହିଁ। ବିଏମ୍‌ସି ପକ୍ଷରୁ ବାରମ୍ବାର ଅବଗତ କରାଯାଉଛି। କିନ୍ତୁ କୌଣସି ସୁଫଳ ମିଳୁ ନାହିଁ। ଯାହାଦ୍ୱାରା ଅଚଳ ଏଟିଏମ୍ ଚାଲୁ କରିବା କିମ୍ବା ସ୍ଥାନାନ୍ତରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇପାରୁ ନାହିଁ।

## ସଂକ୍ଷେପରେ

### ସର୍ବଭାରତୀୟ ପୋଷ୍ଟାଲ କର୍ମଚାରୀ ସଂଘର ଦିନିକିଆ ଧାରଣା

**ବ୍ରହ୍ମପୁର ଅଫିସ,୯।୧୧:** ସର୍ବଭାରତୀୟ ପୋଷ୍ଟାଲ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ୧୯ ଦଫା ଦାବି ସମୂହକୁ ନେଇ ମଙ୍ଗଳବାର ବ୍ରହ୍ମପୁର ମୁଖ୍ୟ ଡାକଘର କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ଧାରଣା ଦିଆଯାଇଛି। ଦାବିଗୁଡିକ ମଧ୍ୟରେ ନୂତନ ପେନ୍‌ସନ୍ ଯୋଜନା ପରିବର୍ତ୍ତେ ପୁରୁଣା ପେନ୍‌ସନ୍, ବିଭିନ୍ନ ଡାକଘରେ ଖାଲି ପଡିଥିବା ପଦବୀ ପୂରଣ, ଘରୋଇକରଣ ବନ୍ଦ କରିବା, କୋଭିଡ୍‌ରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରକୁ ସହାୟତା, ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ, ଗ୍ରାମୀଣ ଡାକ ସେବା ସଂଘକୁ ସ୍ୱୀକୃତି ଓ ୪ ବର୍ଷ ଧରି ସଂଘରେ ପଦବୀରେ ରହିବା ପରେ ପୁଣି ଥରେ ପୁନଃ ଚୟନ ପ୍ରକ୍ରିୟାରେ ଭାଗ ନେବା ଭଳି ବିଭିନ୍ନ ଦାବିକୁ ନେଇ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଆଜିର ଧାରଣାରେ ସଂଘ ସଭାପତି ଯୋଗେଶ ଚନ୍ଦ୍ର ସାହୁ, ସମ୍ପାଦକ ଶିବାନନ୍ଦ ଦାଶଙ୍କ ସମେତ ରବି ନାରାୟଣ ମହାନ୍ତି, ବି.ଭୀମଡୁ, ଜୟଦେବ ଚକ୍ରବର୍ତ୍ତୀ, ସନ୍ତୋଷ କୁମାର ବେହେରା, ବାଳକୃଷ୍ଣ ବିଷୋୟୀ, ଅରୁଣ କୁମାର ସାହୁ, ରାମଚନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ଦାଶ, ଟି.ପ୍ରକାଶ ରାଓ, ରାଜେନ୍ଦ୍ର ମହାପାତ୍ର, ଦୁର୍ଗା ମହାନ୍ତି ଓ ବିଦ୍ୟାଧର ସାହୁ ଉପସ୍ଥିତ ଥିଲେ।

### ନିଖୋଜ ଚାଷୀଙ୍କ ଗଳିତ ମୃତଦେହ ବିଲରୁ ଜବତ

**ଦିଗପହଣ୍ଡି,୯।୧୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ କୋଟିନଡ଼ା ଗ୍ରାମ ନୂଆଁବନ୍ଧ ନିକଟସ୍ଥ ଏକ ଧାନ ବିଲରୁ ଜଣେ ଚାଷୀଙ୍କ ଗଳିତ ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ଜଣକ ହେଲେ କୋଟିନଡା ଗ୍ରାମର ଅଙ୍ଗଦ ବେହେରା (୮୦)। ଥାନା ମାମଲା ନଂ.୧୮/୨୧ ଅନୁଯାୟୀ ମୃତଦେହକୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗତ ୩୦ରୁ ଅଙ୍ଗଦ ଗ୍ରାମରୁ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମଙ୍ଗଳବାର ମଧ୍ୟାହ୍ନରେ ଗ୍ରାମର କିଛି ବ୍ୟକ୍ତି ଧାନ ଜମିରେ ଅଙ୍ଗଦଙ୍କ ମୃତଦେହକୁ ଚିହ୍ନଟ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। କୋଟିନଡ଼ା ସରପଞ୍ଚ ପ୍ରତିନିଧି ଉମାକାନ୍ତ ବିଷୋୟୀ ଏ ନେଇ ଦିଗପହଣ୍ଡି ପୋଲିସକୁ ଜଣାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ବୁଢୀ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

**ଦିଗପହଣ୍ଡି,୯।୧୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ରାଜପୁର ଗ୍ରାମରେ ଠାକୁରାଣୀ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରା ଗତକାଲି ଠାରୁ ଆରମ୍ଭ ହୋଇଥିଲା। ମା' ବୁଢୀ ଠାକୁରାଣୀଙ୍କୁ ସ୍ୱ-ଗୃହରୁ ଆସି ଅସ୍ଥାୟୀ ମଣ୍ଡପରେ ବିଜେ ହୋଇଥିଲେ। ମା'ଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଆଜି ମାଁ ଠାକୁରାଣୀ ଗ୍ରାମର ସମସ୍ତ ଭକ୍ତଙ୍କୁ ଦର୍ଶନ ଦେଇ ପୁଣି ସ୍ୱ-ଗୃହକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଭିନ୍ନ ବାଦ୍ୟ ବାଜଣା ସହକାରେ ମାଁଙ୍କୁ ସ୍ୱ-ଗୃହକୁ ନିଆଯାଇଥିଲା। ଏହି ଅବସରରେ ଗ୍ରାମରେ ରାମାୟଣ ନାଟକ ପରିବେଷିତ ହୋଇଥିଲା। ଆଙ୍କୋରଡା ସରପଞ୍ଚ ଉଷାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିଥିଲେ। ମାଁ ବୁଢୀ ଠାକୁରାଣୀ ରାଜପୁର ଗ୍ରାମର ଏକତା ଭାଇଚାରା ପ୍ରତିଷ୍ଠା ଦିଗରେ ସହାୟକ ହୁଅନ୍ତୁ ବୋଲି ସେ ତାଙ୍କ ବକ୍ତବ୍ୟରେ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତମ ଭୋଳ, ଅକ୍ଷୟ ସାହୁ, ଅମିତ ବିଷୋୟୀ, ସୁଶାନ୍ତ ପ୍ରଧାନ, ମିଥୁନ୍ ସେଠୀଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ଅନାଥ ୩ ଶିଶୁଙ୍କୁ ସହାୟତା

**ପୋଲସରା,୯।୧୧(ଡି.ଏନ.ଏ.):** ପୋଲସରା ବ୍ଲକ ନିମିନା ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ସଞ୍ଜୁ ଜାନୀଙ୍କ ଅନାଥ ୩ ଶିଶୁଙ୍କୁ ମଙ୍ଗଳବାର ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ନିମିନା ଗ୍ରାମର ସ୍ୱର୍ଗତ ସଞ୍ଜୁ ଯାନୀ ଓ ସ୍ୱାମୀ ସ୍ୱର୍ଗତ ମନୁ ଯାନୀଙ୍କ ଦୁଇ ଝିଅ ଓ ଗୋଟିଏ ପୁଆ ବଡ ଝିଅ ତୁଳସୀ, ମଝିଆ ରୂପାଲି ଓ ସାନ ପୁଅ ଆକାଶ ଯାନୀ। ୩ଜଣ ବେସାହାରା ହୋଇପଡିଛନ୍ତି। ଓଳିଏ ଖାଇଲେ ଦିଓଳି ଭୋକ ଉପାସରେ ରୁହନ୍ତି। ଏହା ଶୁଣି ବିଧାୟକ ୩ ଅନାଥ ଶିଶୁଙ୍କ ପାଖରେ ପହଞ୍ଚି ସମସ୍ୟା ଉପରେ ବୁଝି ଆର୍ଥିକ ସହାୟତା କରିଥିଲେ ଏବଂ ବିଧାୟକ ଥିବା ପର୍ଯ୍ୟନ୍ତ ସେମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯଦି ସେମାନେ ଚାହିଁବେ ହାତୀଓଟ ସ୍ଥିତ ଜରାଶ୍ରମରେ ମଧ ରହିପାରିବେ ବୋଲି କହିଥିଲେ।

# ଲକ୍ଷାଧିକ ଆଧାତ୍ମିକ ସଙ୍ଗୀତର ସ୍ରଷ୍ଟା ତାଡ଼ିସରୁ ବାଇଙ୍କୁ ପଦ୍ମଶ୍ରୀ

**ଫୁଲବାଣୀ ଅଫିସ/ବଲସକୁମ୍ପା, ୯।୧୧**

କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଚାରିପଡା ଗ୍ରାମ ନିବାସୀ ପୂର୍ଣ୍ଣମାସୀ ଯାନୀ (ତାଡିସରୁ ବାଇ) ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଛନ୍ତି। କନ୍ଧମାଳ ଜିଲାର ଲୋକପ୍ରିୟ ଆଧାତ୍ମିକ କବୟିତ୍ରୀ ତଥା ଆଦିବାସୀ ସଂସ୍କାରକ ଭାବେ ଜଣାଶୁଣା ପୂର୍ଣ୍ଣମାସୀଙ୍କୁ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୂର୍ଣ୍ଣମାସୀ ଅସୁସ୍ଥ ଥିବାରୁ ହ୍ୱିଲ ଚେୟାରରେ ବସି ପୁରସ୍କାର ଗ୍ରହଣ କରିବାକୁ ଯାଇଥିଲେ । ପୂର୍ଣ୍ଣମାସୀ ଏକ ବିସ୍ମୟ ପ୍ରତିଭା ଭାବେ ଲକ୍ଷାଧିକ ଆଧାତ୍ମିକ ସଂଗୀତ


ପୂର୍ଣ୍ଣମାସୀ ଯାନୀ।

ସୃଷ୍ଟି କରିଛନ୍ତି। ଏଥିସହ ସମାଜରୁ ନିଶା ନିବାରଣ ଓ ଆଧାତ୍ମିକ ଭାବନାର ପ୍ରସାର ଦିଗରେ ମଧ୍ୟ ତାଙ୍କର ଅବଦାନ ରହିଛି । ରାଜ୍ୟ ତଥା ରାଜ୍ୟ ବାହାରେ ତାଡିସରୁ ବାଇଙ୍କ ଅନେକ ଅନୁଗାମୀ ରହିଛନ୍ତି। ପୂର୍ଣ୍ଣମାସୀଙ୍କୁ ପଦ୍ମଶ୍ରୀ ସମ୍ମାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ଜାନୁୟାରୀ ୨୫ ତାରିଖରେ ଘୋଷଣା କରାଯାଇଥିଲା । ତାଙ୍କ ଗ୍ରାମଦେଇ ଯାଇଥିବା ରାସ୍ତାକୁ ଜିଲା ପ୍ରଶାସନ ପକ୍ଷରୁ ତାଡିସରୁ ମାର୍ଗ ଭାବରେ ନାମିତ କରାଯାଇଛି । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ସୂଚନା ପାଇବା ପରେ ପୁରସ୍କାର ଗ୍ରହଣ ପାଇଁ ପୂର୍ଣ୍ଣମାସୀ ଏଠାରୁ ଗତ ୬ ତାରିଖରେ ଭୁବନେଶ୍ୱର ଯାଇ ସେଠାରେ ଦୁଇ ଦିନ ବିଶ୍ରାମ ନେବା ପରେ ସୋମବାର ଦିଲ୍ଲୀ ଯାତ୍ରା କରିଥିଲେ । ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ଦିଲ୍ଲୀ ଗସ୍ତ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା ।

# ଜିଲା ଜଜ୍‌ଙ୍କ ସମେତ ୩ ଜଣଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ସଂଘ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୯।୧୧**

ଗଞ୍ଜାମ ଓକିଲ ସଂଘ ତରଫରୁ ମଙ୍ଗଳବାର ଗଞ୍ଜାମ ଜିଲା ଦୌରା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା, ପୋକ୍‌ସୋ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ପରିବାର କୋର୍ଟ ଜଜ୍ ଅଶ୍ୱିନୀ କୁମାର ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ ଜଜ୍‌ମାନଙ୍କୁ ଜିଲା ଓକିଲ ସଂଘ ତରଫରୁ ସ୍ୱାଗତ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ଉପସଭାପତି ବି. ଭାଗୀରଥି ରାଓ, ସମ୍ପାଦକ ପ୍ରଦୀପ କୁମାର ବେହେରା, ସହସମ୍ପାଦକ ସୁଧୀର କୁମାର ପାତ୍ର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବସନ୍ତ ପଣ୍ଡା, କିଶୋର ବିଷୋୟୀ, ନିର୍ମଳ ସାହୁ, ଶିଶିର ପାଢ଼ୀ, କୈଳାସ ପଣ୍ଡା, ମୋହନ ସିଙ୍ଗାରୀ, ପ୍ରଦୀପ ପଣ୍ଡା, କପିଳ ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ନୟନ ମହାପାତ୍ର, ପ୍ରକାଶ ପଟ୍ଟନାୟକ, ପି. ଏନ୍. ପାତ୍ର, ବରୁଣ ଗୌଡ଼, ଅଶୋକ ଶୁକ୍ଳ, ମନୋଜ ପଟ୍ଟନାୟକ, ଶିବ ସାହୁ, ଜଗନ୍ନାଥ ମିଶ୍ର, କରୁଣାକର ପାଣିଗ୍ରାହୀଙ୍କ ସମେତ ବହୁ ଓକିଲ ଯୋଗ ଦେଇଥିଲେ। ସେହିପରି ଜିଲା ଜଜ୍ ବିଭିନ୍ନ କୋର୍ଟ ପରିଦର୍ଶନ କରି ଏସ୍‌ଡିଜେଏମ୍ କୋର୍ଟ ନିକଟରେ ଥିବା ମାଲଖାନାର ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ବାହ୍ନରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ତରଫରୁ ଜିଲା ଜଜ୍ ସମେତ ଅନ୍ୟ ନୂତନ ଜଜ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧାନ ଜ୍ଞାପନ କରାଯାଇଥିଲା।

# ପରୀକ୍ଷା ଦେଲେନି ଅସନ୍ତୁଷ୍ଟ ପରୀକ୍ଷାର୍ଥୀ

**ବ୍ରହ୍ମପୁର ଅଫିସ,୯।୧୧**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଦ୍ୱିତୀୟ ବର୍ଷ ୨ୟ ଇଣ୍ଟରନାଲ ଅଫ୍‌ଲାଇନ୍ ପରୀକ୍ଷାକୁ ନେଇ ମଙ୍ଗଳବାର ପୁଣି ଥରେ ବିଭାଗୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏପରିକି ଅନ୍‌ଲାଇନ୍ ପରୀକ୍ଷା ନିମନ୍ତେ ଦାବି କରୁଥିବା ଅନେକ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ଟେଲିଭିଜନ ଓ ରେଡିଓ କମ୍ୟୁନିକେଶନ ବିଷୟର ୩ୟ ଓ ୪ର୍ଥ ପେପର ପରୀକ୍ଷା ହୋଇଥିଲା। ଏଥିରେ ବିଭାଗର ମୋଟ ୪୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେବଳ ୧୬ପରୀକ୍ଷା ଦେଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏ ନେଇ ବିଭାଗୀୟ ମୁଖ୍ୟ ଡ଼.ବନ୍ଦିତା ପଣ୍ଡାଙ୍କ ସହ ଯୋଗଯୋଗ କରିବାରୁ, ଏ ବାବଦରେ ସେ କୌଣସି ସୂଚନା ଦେବାକୁ ମନା କରିଥିଲେ।

# ଛତ୍ରପୁର ଏନ୍‌ଏସି: ୧୪ ୱାର୍ଡରେ ସଂରକ୍ଷଣ ତାଲିକା ପ୍ରକାଶ

**ଛତ୍ରପୁର,୯।୧୧(ଡି.ଏନ୍.ଏ.)**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ସମେତ ସମସ୍ତ ୧୬ ଏନଏସିର ୱାର୍ଡଗୁଡିକ ସୀମା ପୁନଃ ନିର୍ଦ୍ଧାରଣ ଏବଂ ସଂରକ୍ଷଣ ସମ୍ପର୍କିତ ଚିଠା ତାଲିକା ପ୍ରକାଶ ପାଇଛି । ଜିଲାର ସଦର ମହାକୁମା ଛତ୍ରପୁର ଏନ୍‌ଏସିରେ ୧୪ଟି ୱାର୍ଡରେ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ୧ ନମ୍ବର ୱାର୍ଡ ନିମନ୍ତେ ଅଣ ସଂରକ୍ଷଣ, ୨ ନମ୍ବର ପାଇଁ ଅଣସଂରକ୍ଷଣ, ୩ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳା, ୪ ନମ୍ବର ୱାର୍ଡ ପାଇଁ ଅଣ ସଂରକ୍ଷଣ, ୫ ନମ୍ବର ୱାର୍ଡ ପାଇଁ ମହିଳା, ୬ ନମ୍ବର ଅନୁସୂଚିତ ଜନ ଜାତି ମହିଳା, ୭ ନମ୍ବର ପାଇଁ ମହିଳା, ୮ ନମ୍ବର ପାଇଁ ଅଣ ସଂରକ୍ଷଣ, ୯ ନମ୍ବର ୱାର୍ଡ ପାଇଁ ମହିଳା, ୧୦ ନମ୍ବର ୱାର୍ଡ ପାଇଁ ପଛୁଆ ବର୍ଗ, ୧୧ ନମ୍ବର ୱାର୍ଡ ପାଇଁ ଅନୁସୂଚିତ ଜାତି, ୧୨ ନମ୍ବର ୱାର୍ଡ ପାଇଁ ପଛୁଆ ବର୍ଗ ମହିଳା, ୧୩ ନମ୍ବର ୱାର୍ଡ ପାଇଁ ପଛୁଆବର୍ଗ, ୧୪ ନମ୍ବର ୱାର୍ଡ ନିମନ୍ତେ ପଛୁଆବର୍ଗ ମହିଳାଙ୍କ ନିମନ୍ତେ ସଂରକ୍ଷଣ ରହିଛି । ଆସନ୍ତା ୧୮ ତାରିଖ ଯାଏ ସଂରକ୍ଷଣ ପରିବର୍ତ୍ତନ ପାଇଁ ଆପତ୍ତି ଅଭିଯୋଗ ନିମନ୍ତେ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ୨୯ ତାରିଖରେ ଜିଲାପାଳଙ୍କ ଦ୍ୱାରା ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ସୂଚନା ମିଳିଛି।

# ଗଞ୍ଜାମରେ ୨୫୨ ଡେଙ୍ଗୁ ରୋଗୀ

**ବ୍ରହ୍ମପୁର ଅଫିସ,୯।୧୧**

**ବ୍ରହ୍ମପୁରରେ ସର୍ବାଧିକ ୯୭**

ଗଞ୍ଜାମ ଜିଲାରେ ଡେଙ୍ଗୁ ସ୍ଥିତି ଏବେ ଅସମ୍ଭାଳ। ଜିଲାର ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ସମେତ ବିଭିନ୍ନ ବ୍ଲକରୁ ପ୍ରତିଦିନ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଏଥିରୁ ଶିଶୁମାନେ ମଧ୍ୟ ବାଦ୍ ପଡ଼ି ନାହାନ୍ତି। ପୁଣିଥରେ ଜଣେ ନାବାଳକ ସମେତ ୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଗଞ୍ଜାମ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨୫୨ ରେ ପହଞ୍ଚିଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୯୬ ସ୍ଥାନୀୟ ବାସିନ୍ଦା ହୋଇଥିବା ବେଳେ ୫୬ ପ୍ରବାସୀ ଅଟନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ବିଏମ୍‌ସିର ବିଭିନ୍ନ ୱାର୍ଡରୁ ସର୍ବାଧିକ ୯୭ ରୋଗୀ ଚିହ୍ନଟ ହୋଇଛନ୍ତି। ଭଙ୍ଗା ବାଲ୍ଟି, ପଇଡ଼ ଖୋଳପା, ଟାୟାରରେ ଅଧିକ ଦିନ ପର୍ଯ୍ୟନ୍ତ ପାଣି ଜମି ରହିବା ଫଳରେ ସେଠାରେ ଡେଙ୍ଗୁ ମଶାର ଲାର୍ଭା ସୃଷ୍ଟି ହେଉଛି। ଏହା ଡେଙ୍ଗୁ ରୋଗର କାରଣ ସାଜୁଛି। ମଙ୍ଗଳବାର ବିଏମ୍‌ସିର ନେହରୁନଗର ଅଞ୍ଚଳର ୧୫ ବର୍ଷର ଜଣେ ନାବାଳକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ମୀନାକ୍ଷୀନଗରର ୩୫ବର୍ଷର ଜଣେ ଯୁବକ ଓ ଗୋଲାପଲ୍ଲୀ ସାହିର ୨୩ ବର୍ଷର ଜଣେ ଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଛତ୍ରପୁର ବ୍ଲକ ଟିକଲଖଣ୍ଡିର ଜଣେ ମହିଳା ଓ ରଙ୍ଗେଇଲୁଣ୍ଡା ବ୍ଲକ ଶାସନ ପଦର ଗ୍ରାମର ଜଣେ ବ୍ୟକ୍ତିଙ୍କ ରିପୋର୍ଟ ପଜିଟିଭ ଆସିଛି। ଆକ୍ରାନ୍ତଙ୍କୁ ଏମ୍‌କେସିଜି ମେଡିକାଲରେ ଚିକିତ୍ସା କରାଯାଉଛି। ବିଭିନ୍ନ ଗ୍ରାମ ଓ ବିଏମ୍‌ସିରେ ଡେଙ୍ଗୁ ଚିହ୍ନଟ ପରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ବୁଲି ଲାର୍ଭା ଚିହ୍ନଟ କରିଥାନ୍ତି।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

**ଗଞ୍ଜାମ ସିନିୟର ଭଲିବଲ ଟିମ୍ ଘୋଷିତ**

**ବ୍ରହ୍ମପୁର ଅଫିସ,୯।୧୧**

ଓଡ଼ିଶା ଭଲିବଲ ଆସୋସିଏଶନ ପକ୍ଷରୁ ୬୯ ତମ ରାଜ୍ୟସ୍ତରୀୟ ବରିଷ୍ଠ ଭଲିବଲ ଚାମ୍ପିୟନ ଟୁର୍ନାମେଣ୍ଟ ନଭେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ବୌଦ୍ଧ-କନ୍ଧମାଳଠାରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ନିମନ୍ତେ ମଙ୍ଗଳବାର ଗଞ୍ଜାମ ଜିଲା ଭଲିବଲ ସଂଘ ପକ୍ଷରୁ ବ୍ରହ୍ମପୁର ଷ୍ଟାଡ଼ିୟମ ପରିସରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁଥିବା ୧୨ ଜଣିଆ ଗଞ୍ଜାମ ବରିଷ୍ଠ ପୁରୁଷ ଭଲିବଲ ଟିମ୍ ଘୋଷଣା କରାଯାଇଛି। ଟିମ୍‌ରେ ରାମ କୁମାର ପାଢ଼ୀ(ଅଧିନାୟକ), ଡି.ବାବୁ ରାଓ, ଦିନେଶ ପାଢ଼ୀ, ପଵନ ସିଂ, ଆଶୁତୋଷ ଦାସ, ସେବର ଗୋଚ୍ଛାୟତ, ଗାନ୍ଧୀ


ଗଞ୍ଜାମ ଭଲିବଲ ଟିମ୍ ସହ କୋଚ ଓ କ୍ରୀଡା ସଂଘ ସଦସ୍ୟ ।

ରେଡ୍ଡୀ, ଚନ୍ଦ୍ରକାନ୍ତ ବେହେରା, ବି.ଶ୍ରୀନିବାସ ରେଡ୍ଡୀ, ବୈଦ୍ୟ କୁମାର ରେଡ୍ଡୀ ଓ ରାଜେଶ ସେନାପତି ପ୍ରମୁଖ ଟିମ୍‌ରେ ସ୍ଥାନ ପାଇଛନ୍ତି। କୋଚ୍‌ଭାବେ ରାମକୃଷ୍ଣ ପାଢ଼ୀ ଓ ଟିମ୍ ମ୍ୟାନେଜର ଭାବେ ଦୁର୍ଗା ପ୍ରସାଦ ମହାପାତ୍ର ଦାୟିତ୍ୱ ନିର୍ବାହ କରିବେ। ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ନିମନ୍ତେ ବୁଧବାର ଗଞ୍ଜାମ ଦଳ କନ୍ଧମାଳ ଅଭିମୁଖେ ଯାତ୍ରା କରିବ। ଦଳ ଘୋଷଣା ପରେ ମଙ୍ଗଳବାର ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁଙ୍କ ସମେତ ଜିଲା ଭଲିବଲ ସଂଘ ପକ୍ଷରୁ ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ ଓ ଶିଶିର ପାଣିଗ୍ରାହୀ ପ୍ରମୁଖ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଯାଇନ୍ତି।

# ଜିଲାସ୍ତରୀୟ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ

**ବ୍ରହ୍ମପୁର ଅଫିସ,୯।୧୧**

ଗଞ୍ଜାମ ଜିଲାସ୍ତରୀୟ ୨୯ତମ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ଶାସ୍ତ୍ରୀନଗରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଡ.ପ୍ରଭାତୀ ମହାପାତ୍ର, ବିଜ୍ଞାନ ନିରୀକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ ବିଜ୍ଞାନ ନିରୀକ୍ଷକ ଗୋପାଳ କୃଷ୍ଣ ପାଢୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ଘଡେଇ ଯୋଗ ଦେଇଥିଲେ। ଏଥିରେ ବିଚାରକ ଭାବେ ଡ.ସତୀଶ ପ୍ରସାଦ ନାୟକ, ପ୍ରତାପ ଚନ୍ଦ୍ର ପରିଡା, ନିର୍ମଳ କୁମାର ବେହେରା, ଡ.ଗିରିଜା ଶଙ୍କର ମହାପାତ୍ର, ଗୋପୀନାଥ ପ୍ରଧାନ ଓ ସୌଦାମିନୀ ସ୍ୱାଇଁ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ସୋନପୁର ପ୍ରାଥମିକ ବିଦ୍ୟାଳୟର ସ୍ନେହାରାଣୀ ଗୌଡ଼, ସିଦ୍ଧେଶ୍ୱର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବି.ଶିବରାମ ପାତ୍ର,



ବିଜ୍ଞାନ କଂଗ୍ରେସରେ ଯୋଗ ଦେଇଥିବା ଛାତ୍ରୀ।

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅନିଶ କୁମାର ବେହେରା ପ୍ରମୁଖ କୃତୀ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ବିଜ୍ଞାନ କଂଗ୍ରେସରେ ଅଂଶଗ୍ରହଣ କରିଥିବା ସମସ୍ତ ଶିଶୁ ବିଜ୍ଞାନୀ ଓ ସେମାନଙ୍କ ମାର୍ଗ ଦର୍ଶକ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ସହ ସମ୍ମାନିତ କରାଯାଇଥିଲା।

# ଲାଞ୍ଚ ଗ୍ରହଣ ମାମଲାରେ ସହକାରୀ ଯନ୍ତ୍ରୀଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୯।୧୧**

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଆସିକା ଉଠାଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଈଶ୍ୱର ଦାସଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବ୍ରହ୍ମପୁର ଭିଜିଲାନ୍ସ ଜଜ୍ ଦାୟିତ୍ୱରେ ଥିବା ଏଡିଜେ-୩ ରାଜଶ୍ରୀ ମହାପାତ୍ର ତାଙ୍କୁ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। କଟକସ୍ଥିତ ଆଖଣ୍ଡଳମଣି ଇଲେକ୍ଟ୍ରିକାଲ୍ ଲିମିଟେଡ୍ ତରଫରୁ କାମ ପରେ ୪୧ ଲକ୍ଷ ଟଙ୍କାର ବିଲ୍ ପାସ୍ କରିବା ପାଇଁ ଆବେଦନ କରାଯାଇଥିଲା। ଏଥିପାଇଁ ସଂସ୍ଥା ସୁପରଭାଇଜର୍ ଜଗମୋହନ ପଣ୍ଡାଙ୍କୁ ସହକାରୀ ଯନ୍ତ୍ରୀ ୫୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସେପ୍ଟେମ୍ବର ୧୬ ତାରିଖରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ଚଢ଼ାଉ କରି ସହକାରୀ ଯନ୍ତ୍ରୀ ଦାସଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ତାଙ୍କର ଜାମିନ ଆବେଦନ ଖାରଜ ହୋଇଥିଲା। ଏଣୁ ତାଙ୍କ ଓକିଲ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଜାମିନ ମିଳିଛି। ମୁଦାଲାଙ୍କ ତରଫରୁ ଆଇନଜୀବୀ କିଶୋର ଚନ୍ଦ୍ର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ସାଉଥ୍‌କୋ କାର୍ଯ୍ୟାଳୟ ଘେରିଲେ ବଜ୍ରଗୁମ୍ମା ଲୋକ

**୧୫ ବର୍ଷ ଧରି ଅନ୍ଧାରରେ କାଳାତିପାତ**

**ଦିଗପହଣ୍ଡି,୯।୧୧(ଡି.ଏନ.ଏ.)**

ବିଦ୍ୟୁତ୍ ବିଭାଗ ଦ୍ୱାରା ଗତ ୧୫ ବର୍ଷ ତଳୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲେ ମଧ ସମ୍ପୃକ୍ତ ପରିବାରକୁ ପ୍ରତି ମାସରେ ହଜାର ହଜାର ଟଙ୍କା ବିଦ୍ୟୁତ୍ ବିଲ୍ ଆସୁଛି। ଶହଶହ ଗରୀବ ପରିବାର ବର୍ତ୍ତମାନ୍ ସୁଦ୍ଧା ବିଦ୍ୟୁତ୍ ଆଲୋକ ଦେଖିବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ଘରକୁ ବିଦ୍ୟୁତ୍ ତାର ସଂଯୋଗ ହୋଇଛି ଏବଂ ମିଟର୍ ମଧ ବସିଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଏହା ଦେଖିବାକୁ ମିଳିଛି ଏହି ବ୍ଲକ ତଥା ସିଏଚ୍ ଟିକରପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଜ୍ରଗୁମ୍ମା ହରିଜନ ସାହିରେ । ସାହିରେ ୨୦ ରୁ ଊର୍ଦ୍ଧ୍ୱ ପରିବାର ରହିଛନ୍ତି। ସମସ୍ତେ ଗରୀବ ଶ୍ରେଣୀର। ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଦିଗପହଣ୍ଡି ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣାଇଥିଲେ ମଧ ତାଙ୍କ କଥା କେହି ଶୁଣିବାକୁ ନାରାଜ। ଫଳରେ ସାହି ବାସିନ୍ଦାଙ୍କ ମଙ୍ଗଳବାର ଏକତ୍ରୀତ ହୋଇ ଦିଗପହଣ୍ଡି ସାଉଥ୍‌କୋ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ଭାଜପା ନେତା ଉତ୍ତମ ପାଣିଗ୍ରାହୀ।


ସାହିବାସିନ୍ଦାଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ।

ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ କାମା ସେଠୀଙ୍କ ସହିତ ଆଲୋଚନା କରିଥିଲେ। ୭ ଦିନ ମଧ୍ୟରେ ସାହି ଏବଂ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିବା ପରିବାରଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ନହେଲେ ସେମାନେ ବାଧହୋଇ ସାଉଥ୍‌କୋ ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଦିଗପହଣ୍ଡି ବିଡିଓଙ୍କ ସହିତ ମଧ ଆଲୋଚନା କରି ସେମାନଙ୍କର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଭାଜପା ନେତା ଦାବି କରିଛନ୍ତି। ଏହାର ବିହିତ ପଦକ୍ଷେପ ନ ନେଲେ ଭାଜପା ପକ୍ଷରୁ ଆଗାମୀ ଦିନରେ ଜନ ଆନ୍ଦୋଳନ କରିବା ପାଇଁ ଉତ୍ତମ ପାଣିଗ୍ରାହୀ କହିଛନ୍ତି। ଏ ସମ୍ପର୍କରେ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ଓ ବିଡିଓଙ୍କୁ ମଧ ପ୍ରଦାନ କରିଛନ୍ତି।

# ଫସଲ କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ

## ହାତୀ,ବାର୍‌ହା ଉପଦ୍ରବ

**ଭଞ୍ଜନଗର,୯।୧୧(ଡି.ଏନ୍.ଏ.)**

ତାରସିଂ ବନାଞ୍ଚଳରେ ଗତ କିଛିଦିନ ହେଲା ବନ୍ୟପ୍ରାଣୀଙ୍କ ଉପଦ୍ରବ ବଢିବାରେ ଲାଗିଛି। ଦିନବେଳେ ମାଙ୍କଡ଼ ଏବଂ ରାତିରେ ହାତୀ ଓ ବାର୍‌ହା ଫସଲ ନଷ୍ଟ କରୁଛନ୍ତି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। ବନ ସୁରକ୍ଷା ସମିତି ସୀମାବର୍ତ୍ତୀ ଅଞ୍ଚଳରେ ସୋଲାର ସଟ ବ୍ୟବସ୍ଥା, ଚାଷୀଙ୍କୁ ଏକ ସପ୍ତାହ ମଧ୍ୟରେ ଫସଲ କ୍ଷତିପୂରଣ ଦେବାକୁ କ୍ଷତିପୂରଣ ଚାଷୀମାନେ ଦାବି କରିଛନ୍ତି। ନଚେତ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ମଙ୍ଗଳବାର ବନ ବିଭାଗ ଅଧିକାରୀଙ୍କୁ ଜଣାଇଛନ୍ତି। ଏଭଳି କୌଣସି ଅଭିଯୋଗ ବିଭରଗ ପାଖରେ ନାହିଁ ବୋଲି ଡିଏଫଓ ଅଭୟ କୁମାର ଦଳେଇ କହିଛନ୍ତି।

